# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13th August – 2025

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟ କ୍ୟାବିନେଟ୍ ବୈଠକରେ ୭ଟି ପ୍ରସ୍ତାବକୁ ମିଳିଲା ମଞ୍ଜୁରି ।

— ରାଜ୍ୟର ସବୁ ଜିଲ୍ଲାରେ ସ୍ଥାପନ ହେବ ଧାନମଣ୍ଡି; ପ୍ରଥମ ପର୍ଯ୍ୟାୟରେ ବିକଶିତ ହେବ ୩୮ଟି ମଡେଲ୍ ମଣ୍ଡି ।

- ସ୍ୱାସ୍ଥ୍ୟସେବାରେ ଉନ୍ନତି ଲାଗ ପ୍ରତିଷ୍ଠା ହେବ ଆଉ ୮ଟି ନର୍ସିଂ କଲେଜ ।

- ସର୍ବସାଧାରଣଙ୍କ ପାଇଁ ଆସନ୍ତା ଶନିବାରଠାରୁ ଖୋଲିବ ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନ ।

- ଅଙ୍ଗଦାନର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଅଙ୍ଗଦାନ ଦିବସ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି ମହାପ୍ରଭୁଙ୍କ ରାହୁରେଖା ଲାଗି ନୀତି ।

# ରାଜ୍ୟ କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ୬ଟି ବିଭାଗର ୭ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ରାଜ୍ୟରେ ଉନ୍ନତ କୃଷି ବଜାରର ଉପଲବ୍ଧତା ବୃଦ୍ଧି, ଅମଳ ପରବର୍ତ୍ତୀ କ୍ଷତିହ୍ରାସ ଏବଂ ଚାଷୀଙ୍କୁ ଉଚିତ ମୂଲ୍ୟ ସୁନିଶ୍ଚିତ କରିବାପାଇଁ କୃଷି ବିପଣନ ଦିଗରେ ବ୍ୟାପକ ସଂସ୍କାର ଅଣାଯାଇଛି । ଏଥିସହ ସମବାୟ ବିଭାଗଦ୍ୱାରା ପରିଚାଳିତ ଧାନ ମଣ୍ଡିଗୁଡ଼ିକରେ କୃଷକମାନଙ୍କୁ ସମସ୍ତ ସୁବିଧା ପ୍ରଦାନପାଇଁ ଖସଡ଼ା ପ୍ରସ୍ତୁତ କରାଯାଇ ମଣ୍ଡି ସ୍ଥାପନର ପ୍ରସ୍ତାବ ରହିଛି । ରାଜ୍ୟର ସବୁ ଜିଲ୍ଲାରେ ଅନ୍ୟୂନ ଗୋଟିଏ ଲେଖାଏଁ ମଣ୍ଡି ସ୍ଥାପନର ପ୍ରସ୍ତାବ ରହିଛି । ସେହିଭଳି ୩୮ଟି ମଣ୍ଡିକୁ ପ୍ରଥମ ପର୍ଯ୍ୟାୟରେ ମଡେଲ୍ ମଣ୍ଡି ଭାବେ ବିକଶିତ କରାଯିବ । ଏଥିଲାଗି ୩ ଶହ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

ରାଜ୍ୟରେ ଥିବା ସଂଗ୍ରହାଳୟଗୁଡ଼ିକର ସୁପରିଚାଳନା ଓ ସମନ୍ୱୟପାଇଁ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ସ୍ଥାପନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ସେହିଭଳି ସ୍ୱାସ୍ଥ୍ୟସେବାରେ ଉନ୍ନତିପାଇଁ ଓଡ଼ିଶା ନର୍ସିଂ ଏଜୁକେଶନ ସର୍ଭିସ୍ ରୁଲ୍-୨୦୨୫କୁ ମଞ୍ଜୁରି ମିଳିବା ସହ ଆଉ ୮ଟି ସରକାରୀ ନର୍ସିଂ କଲେଜ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି ।

***Voice :..........***

କ୍ୟାବିନେଟ୍‌ରେ ଓଡ଼ିଶା ଅମଲା ସେବା (ବାଣିଜ୍ୟ କର) ଏବଂ ଦ୍ରବ୍ୟ ଓ ସେବା କର ସଙ୍ଗଠନର ଚକଲା ଏବଂ ଏହାର ଅଧସ୍ତନ କାର୍ଯ୍ୟାଳୟ ନିୟମାବଳୀ-୨୦୨୫ ପ୍ରସ୍ତୁତିପାଇଁ ଅନୁମୋଦନ ମିଳିଛି ।

ସମ୍ବଲପୁର ସହରରେ ଜନସାଧାରଣଙ୍କୁ ବିଶୋଧିତ ପାନୀୟ ଜଳ ଉପଲବ୍ଧ କରାଇବାପାଇଁ ୨୪ ଘଣ୍ଟିଆ ଜଳ ପ୍ରକଳ୍ପକୁ ମଞ୍ଜୁରି ମିଳିଛି । ୧୧୦ଟି ସହରାଞ୍ଚଳରେ ଏଲ୍.ଇ.ଡି. ସାର୍ବଜନୀନ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା କରାଯିବ । ଏଥିପାଇଁ ୩୫୦ କୋଟି ୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ।

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ରକ୍ଷଣାବେକ୍ଷଣ, ମରାମତି ଓ ନବୀକରଣପାଇଁ ଏମ୍.ଆର୍.ଓ. କାର୍ଯ୍ୟକାରୀ କରିବା ଲାଗି ପ୍ରସ୍ତାବ ରହିଛି ।

***Voice*** :..........

***GNR***

## ରାଷ୍ଟ୍ରପତି - ଅମୃତ ଉଦ୍ୟାନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ରାଷ୍ଟ୍ରପତି ଭବନରେ 'ଅମୃତ ଉଦ୍ୟାନ'ର ଗ୍ରୀଷ୍ମକାଳୀନ ବାର୍ଷିକ ଉତ୍ସବର ଉଦ୍‌ଘାଟନ କରିବେ । ସର୍ବସାଧାରଣଙ୍କ ପାଇଁ ଆସନ୍ତା ଶନିବାର ଦିନ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅମୃତ ଉଦ୍ୟାନ ଖୋଲା ରହିବ । ସେପ୍ଟେମ୍ବର ମାସ ୧୪ ତାରିଖ ପର୍ଯ୍ୟନ୍ତ ଉଦ୍ୟାନ ସର୍ବସାଧାରଣଙ୍କପାଇଁ ଖୋଲା ରହିବ ବୋଲି ଜଣାପଡ଼ିଛି ।

ଆସନ୍ତା ୨୯ ତାରିଖ କ୍ରୀଡ଼ା ଦିବସ ଏବଂ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ କ୍ରୀଡ଼ାବିତ୍ ଓ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରବେଶର ସୁଯୋଗ ମିଳିବ । ଉଦ୍ୟାନ ପଥରେ ବାଲ୍‌ବାଟିକା, ହର୍ବାଲ୍ ଗାର୍ଡ଼େନ୍ ଆଦି ଅନ୍ତର୍ଭୁକ୍ତ । ଅମୃତ ଉଦ୍ୟାନକୁ ପ୍ରବେଶ ନିଃଶୁଳ୍କ ରହିଥିବାବେଳେ ରକ୍ଷଣାବେକ୍ଷଣ ପାଇଁ ପ୍ରତି ସୋମବାର ବନ୍ଦ ରହିବ ।

***Ganjam/R***

## ପର୍ଯ୍ୟଟନ ସ୍ଥଳୀ ଭିତ୍ତିଭୂମି

ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପକଣ୍ଠ ତାମ୍ପରା ହ୍ରଦ ଓ ପୋତାଗଡ଼ ପର୍ଯ୍ୟଟନ ସ୍ଥଳୀକୁ ଆଜି ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ପରିଦର୍ଶନ କରି ଭିତ୍ତିଭୂମିର ତଦାରଖ କରିବା ସହ ଏହାର ବିକାଶ ନିମନ୍ତେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ତାମ୍ପରା ହ୍ରଦ ଦିନକୁ ଦିନ ସଙ୍କୁଚିତ ହେଉଥିବାରୁ କେତେକ ସ୍ଥାନରେ କେନାଲ ପୁନରୁଦ୍ଧାର କରିବାପାଇଁ ଚିହ୍ନଟ କରାଯାଇଛି । ସେଥିପାଇଁ ଜଳସେଚନ, କ୍ଷୁଦ୍ର ଜଳସେଚନ ଓ ଅନ୍ୟାନ୍ୟ ବିଭାଗକୁ ନେଇ ଏକ ଦଳ ଗଠନ କରାଯାଇଛି । ପ୍ରଥମେ ଏହି ଦଳ କେନାଲଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ପୁନରୁଦ୍ଧାର କରିବା ଲାଗି ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ପୋତାଗଡ଼ ପର୍ଯ୍ୟଟନସ୍ଥଳୀର ଉନ୍ନୟନମୂଳକ କାର୍ଯ୍ୟପାଇଁ ପୂର୍ବପ୍ରସ୍ତୁତ ଯୋଜନାଗୁଡ଼ିକର ଉନ୍ନତୀକରଣପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ

ନିର୍ଦ୍ଦେଶ ଦେଇଛନ୍ତି । ସେଠାରେ ଥିବା ପାରାଭାଡ଼ି ଓ ବିଭିନ୍ନ ଐତିହ୍ୟର ମଧ୍ୟ ପୁନରୁଦ୍ଧାର କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି ।

*Desk*

# ଅଙ୍ଗଦାନ ଦିବସ - ରିପୋର୍ଟ

ଅଙ୍ଗଦାନର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଉଛି । ଏହି ଅବସରରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ 'ସୂରଜ ପୁରସ୍କାର' ପ୍ରଦାନ କରାଯାଇଛି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ୨୫ ଜଣଙ୍କ ପରିବାରବର୍ଗଙ୍କୁ 'ସୂରଯ ପୁରସ୍କାର' ପ୍ରଦାନ କରିବା ସହ ୫ ଲକ୍ଷ ଟଙ୍କା ଲେଖାଏଁ ସମ୍ମାନିତ ରାଶି ପ୍ରଦାନ କରିଛନ୍ତି ।

୨୦୨୦ରେ ପ୍ରଥମଥର ଏହି ପୁରସ୍କାର ମୃତ ଅଙ୍ଗଦାତାଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା । ମହତ୍ତ୍ୱପୂର୍ଣ୍ଣ ଅଙ୍ଗଦାନ କରିଥିବା ମୃତକ ଓ ସେମାନଙ୍କ ପରିବାରର ନିଃସ୍ୱାର୍ଥପର ଅବଦାନକୁ ସମ୍ମାନ ଜଣାଇ ମୃତକମାନଙ୍କ ଶେଷକୃତ୍ୟ ମଧ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ କରାଯାଉଛି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ :.......

ଅଙ୍ଗଦାନ ଏକ ମହତ୍ ଦାନ । ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବାରେ ଅନେକାଂଶରେ ଏହା ସହାୟକ ହୋଇଥାଏ । ଜନସାଧାରଣଙ୍କୁ ସଚେତନ

କରିବା ଲାଗି ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଇଥାଏ । ଆଇନ ଅନୁସାରେ ଯଦି ଜଣେ ଅଙ୍ଗଦାନ କରିବାକୁ ଚାହାଁନ୍ତି, ତାହା ତାଙ୍କର ପରିବାର ସଦସ୍ୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିଥାଏ । କିନ୍ତୁ ଏହା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମସ୍ତିଷ୍କର ମୃତ୍ୟୁ ହୋଇଥିବା ଦରକାର । ଜଣେ ମସ୍ତିଷ୍କ-ମୃତ ବ୍ୟକ୍ତିଙ୍କ ଅଙ୍ଗଦାନ ୮ ଜଣ ବ୍ୟକ୍ତିଙ୍କ ଜୀବନ ରକ୍ଷା କରିପାରେ । ତେବେ ଏଚ୍.ଆଇ.ଭି. କିମ୍ବା କର୍କଟ ଭଳି ରୋଗରେ ପୀଡ଼ିତ ହୋଇଥିବା ବ୍ୟକ୍ତି ଅଙ୍ଗଦାନ କରିପାରିବେ ନାହିଁ । ଅଙ୍ଗଦାନ ନିଷ୍ପତ୍ତି ନେବା ପରେ ସେହି ପ୍ରତିରୋପଣପାଇଁ ଅଙ୍ଗଟି କେତେମାତ୍ରାରେ କାର୍ଯ୍ୟକ୍ଷମ ହେବ, ଡାକ୍ତରମାନେ ତନ୍ନତନ୍ନ କରି ତର୍ଜମା କରି ନିଷ୍ପତ୍ତି ନେଇଥା'ନ୍ତି । ସୂଚନାଯୋଗ୍ୟ, ୧୯୫୪ ମସିହାରେ ଡାକ୍ତର ନି ଯୋଶେଫ୍ ଇ ମୁରୟେ'ଙ୍କଦ୍ୱାରା ପ୍ରଥମଥରପାଇଁ କିଡ୍‌ନୀ ପ୍ରତିରୋପଣ ସଫଳତାର ସହ କରାଯାଇଥିଲା । ଅଙ୍ଗଦାନ ସମ୍ପର୍କରେ ଡକ୍ଟର ପ୍ରଭାସ ଆଚାର୍ଯ୍ୟ କୁହନ୍ତି :

***Voice (Pravas Acharya)*** :………

**ଆକାଶବାଣୀ କଟକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।**

***Puri/R***

# ରାହୁରେଖା ନୀତି

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥି ତଥା ରେଖାପଞ୍ଚମୀ ଅବସରରେ ଆଜି ଅପରାହ୍ଣ ୨ଟା ୫୨ ମିନିଟ୍‌ରୁ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ

ରାହୁରେଖା ଲାଗି ନୀତି ଆରମ୍ଭ ହୋଇଛି । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି । ଏହି ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ପରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

***Kendrapara, Rayagada, Gajapati, Nuapada, Kalahandi, Sonepur/R***

## ହର୍ ଘର୍ ତୀରଙ୍ଗା

ରାଜ୍ୟର ବିଭିନ୍ନ ସ୍ଥାନରେ ହର୍ ଘର୍ ତୀରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବି.ଜେ.ପି. ବ୍ରାହ୍ମଣୀ ମଣ୍ଡଳ ଅନ୍ତର୍ଗତ ବଲୁରିଆ ପଞ୍ଚାୟତଠାରୁ ଅଳପୁଆ ପଞ୍ଚାୟତ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ରାୟଗଡ଼ା ଜିଲ୍ଲା ଗୁଣୁପୁର ମହାବିଦ୍ୟାଳୟ ଓ ଆମ୍ବଦଳାଠାରେ ତ୍ରିରଙ୍ଗା ଶୋଭାଯାତ୍ରାରେ ୩ ଶହ ମିଟର ଲମ୍ବ ଓ ୮ ଫୁଟ୍ ଓସାର ବିଶିଷ୍ଟ ତ୍ରିରଙ୍ଗା ପତାକା ଧରି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସହର ପରିକ୍ରମା କରିଥିଲେ ।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ସ୍ନାତକ ମହିଳା ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍‌ଠାରେ ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ୧୫୦ ଫୁଟ ଲମ୍ବର ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ ।

କଳାହାଣ୍ଡି ଜିଲ୍ଲାରେ ଥିବା ସି.ଆର୍.ପି.ଏଫ୍.ର ୬୪ ବାଟାଲିୟନ୍ ପକ୍ଷରୁ ପଞ୍ଚାୟତ ହାଇସ୍କୁଲ୍, ଦୁରାଗୁଣିର ଖେଳପଡ଼ିଆ ଓ ଆଖପାଖ ଅଞ୍ଚଳରେ ତ୍ରିରଙ୍ଗା ପତାକା ଶୋଭାଯାତ୍ରା କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

***Desk***

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

******